## ସଂକ୍ଷେପରେ

### ବିଦାୟ ନେଲେ ମହାଲକ୍ଷ୍ମୀ



**ଭୁବନ, ୨୩।୧୦(ଡି.ଏନ୍.ଏ.):** ଭୁବନ ନୂଆବଜାର ବଣିକ ସଂଘ ପକ୍ଷରୁ ମା' ଧନଦାତ୍ରୀଙ୍କ ଭସାଣି ଉତ୍ସବ ବୁଧବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଅପରାହ୍ନ ୨ଟାରେ ମେଢ଼ ଆସ୍ଥାନ ଛାଡ଼ିବାପରେ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ସଂକୀର୍ତ୍ତନ, ଲଉଡ଼ିବାଡ଼ି ଖେଳ, ବ୍ରାସ୍‌ବ୍ୟାଣ୍ଡ, ଘଣ୍ଟବାଦ୍ୟର ତାଳେ ତାଳେ ନଗର ପରିକ୍ରମା କରିବା ପରେ ମେଢ଼କୁ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଛି। ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟିଙ୍କ ସମେତ ସମସ୍ତ କମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ଲଘୁଚାପ ବର୍ଷା ସତ୍ତ୍ୱେ ଭସାଣି ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ଏବଂ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

### ଆକ୍ରମଣରେ ମା'ପୁଅ ଗୁରୁତର

**କାମାକ୍ଷାନଗର, ୨୩।୧୦(ଡି.ଏନ୍.ଏ.):** କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ଭାଲୁମୁଣ୍ଡା ଗ୍ରାମରେ ମଙ୍ଗଳବାର ରାତିରେ ତାସ୍ ଖେଳକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। ଅରୁଣ ପଧାନଙ୍କ ଆକ୍ରମଣରେ କାଳିଆ ପଧାନ ଏବଂ ତାଙ୍କ ମା' ରମା ପଧାନ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ସେମାନଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ରମା ଘରକୁ ଫେରିଛନ୍ତି। ଏ ନେଇ ସେ ବୁଧବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଗ୍ରାମରେ ତାସ୍‌ଖେଳ ଚାଲିଥିବାବେଳେ କେହି ଜଣେ ବଲ୍‌ବ ଲିଭାଇଦେଇଥିଲା। ଏହାକୁ କେନ୍ଦ୍ର କରି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା।

### ଗାଳିଗୁଲଜରୁ ବଚସା, ଜଣେ ଆହତ

**କାମାକ୍ଷାନଗର, ୨୩।୧୦(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ବଡ଼ସୁଆଁଳ ପଞ୍ଚାୟତ ଆରଚୁଆ ଗ୍ରାମରେ ଅଶ୍ଳୀଳ ଭାଷା ପ୍ରୟୋଗକୁ କେନ୍ଦ୍ର କରି ବୁଧବାର ଅପରାହ୍ନରେ ଗଣ୍ଡଗୋଳ ଘଟିଛି। ଏଥିରେ ବେଣୁ ପାତ୍ର (୩୫) ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପରିବାର ଲୋକଙ୍କ କହିବା କଥା, ବେଣୁ ଘରେ ଥିବାବେଳେ ଗ୍ରାମର ଦୁଇଜଣ ଯୁବକ ଆସି ଘର ଆଗରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରୁ ନିବୃତ୍ତ ରହିବାକୁ ବେଣୁ ବୁଝାଉଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ଆମ୍ୱପଡ଼ାରେ ଲକ୍ଷ୍ମୀପୂଜା ସୁବର୍ଣ୍ଣ ଜୟନ୍ତୀ



**ଢେଙ୍କାନାଳ ଅଫିସ, ୨୩।୧୦:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଆମ୍ବପଡ଼ା ଗ୍ରାମ ପୁରୁଣା ବ୍ରାହ୍ମଣ ଶାସନରେ ଲକ୍ଷ୍ମୀପୂଜାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୦ ତାରିଖ ଯାଏ ଚାଲିଥିଲା। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ମହିଳା ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ନାମକୀର୍ତ୍ତନ, ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ବିଗ୍ରହ ବିଶେଷ ଆକର୍ଷଣ ସାଜିଥିଲା। ପଣ୍ଡିତ ଅର୍ଜୁନ କୁମାର ପୂଜାର୍ଚ୍ଚନା କରିଥିଲେ। ବିକ୍ରମାଦିତ୍ୟ ପାଣିଗ୍ରାହୀ, ଅରବିନ୍ଦ ପାଣିଗ୍ରାହୀ, କମଳ ପଣ୍ଡା, ଦୀନବନ୍ଧୁ ପଣ୍ଡା, ଅଭିଜିତ ପାଣିଗ୍ରାହୀଙ୍କ ସମେତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରିଲା ଲକ୍ଷ୍ମୀପୂଜା, ଆଜି ଭସାଣି

**ଢେଙ୍କାନାଳ ଅଫିସ, ୨୩।୧୦**

- ମିଳିତ ଶୋଭାଯାତ୍ରାରେ ଯିବେ ୨୫ ମେଢ଼
- ବର୍ଷା ସତ୍ତ୍ୱେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ
- ଅନ୍ତିମ ସନ୍ଧ୍ୟାରେ ବ୍ୟାଣ୍ଡପାର୍ଟି, ବାଦ୍ୟଯନ୍ତ୍ରର ମୂର୍ଚ୍ଛନା

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ବୁଧବାର ଶେଷ ହୋଇଛି। ଗୁରୁବାର ମା'ଙ୍କୁ ମେଲାଣି ଦେବେ ସହରବାସୀ। ମିଳିତ ଶୋଭାଯାତ୍ରାରେ ୨୫ ମେଢ଼ ସାମିଲ ହେବେ। ଲଘୁଚାପ ବର୍ଷା ସତ୍ତ୍ୱେ ବୁଧବାର ଶେଷ ସନ୍ଧ୍ୟାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ଲୋକାରଣ୍ୟ ହୋଇଉଠିଥିଲା ସାରା ସହର। ମା'ଙ୍କୁ ବିଦାୟ ଦେବା ପୂର୍ବରୁ ବ୍ୟାଣ୍ଡପାର୍ଟି, ବାଦ୍ୟଯନ୍ତ୍ରର ମୂର୍ଚ୍ଛନାରେ ପ୍ରକମ୍ପିତ ହୋଇଉଠିଥିଲା ଅଧିକାଂଶ ପୂଜା ମଣ୍ଡପ। ରାତି ୧୦ଟା ସୁଦ୍ଧା ଅଧିକାଂଶ ପୂଜା ମଣ୍ଡପରେ ବିସର୍ଜନ ନୀତି ସମ୍ପନ୍ନ ହୋଇଛି।



ମା'ଲକ୍ଷ୍ମୀଙ୍କ ଭସାଣି ଅବ୍ୟବହିତ ପୂର୍ବରୁ ବୁଧବାର ସନ୍ଧ୍ୟାରେ ପୂଜାମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଗୁରୁବାର ପୂର୍ବାହ୍ନ ୯ଟାରୁ ମିଳିତ ଭସାଣି ଆରମ୍ଭ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୫ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି। ମେଢ଼ଗୁଡିକ ପ୍ରମୁଖ ବଜାର ଦେଇ ମହାପ୍ରଭୁ ବଳରାମଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ରାଜନଅର-ଦୁର୍ଗାବଜାର-ଷ୍ଟାଡିୟମ୍ ଛକ ଦେଇ ଶୋଭାଯାତ୍ରାରେ ଆସିବେ। ସେଠାରୁ କଚେରି ରୋଡ ଦେଇ ପୁଣିଥରେ ପ୍ରମୁଖ ବଜାର ମଧ୍ୟରେ ପ୍ରବେଶ କରି କାଠଶଙ୍ଖ ଅଭିମୁଖେ ଯିବେ। କୁଞ୍ଜକାନ୍ତ, କଲେଜ ଛକ, ଗୁଡ଼ିଆନାଳୀ ଏବଂ ବସ୍‌ଷ୍ଟାଣ୍ଡ ମେଢ଼ ଷ୍ଟାଡିୟମ୍ ଟ୍ରାଫିକ୍ ଛକ ନିକଟରୁ ନିଜ ନିଜ ଅଞ୍ଚଳ ପରିକ୍ରମା କରି ଜଳାଶୟରେ ପହଞ୍ଚିବେ। ପଟାବନ୍ଧ, ବଡ଼ଯୋରା କାଠଶଙ୍ଖ ଏବଂ କୁଞ୍ଜକାନ୍ତ ପୋଖରୀରେ ସମସ୍ତ ମେଢ଼ ବିସର୍ଜନ କରାଯିବ। ରାତି ୧୧ଟା ସୁଦ୍ଧା ଭସାଣି ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଭସାଣି ଉତ୍ସବକୁ ଶୃଙ୍ଖଳିତ କରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍ସ, ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ସମସ୍ତଙ୍କୁ ନିବେଦନ କରିଛନ୍ତି।

ଚଳିତବର୍ଷ ୩୮ ମଣ୍ଡପରେ ମା'ଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ଜବାହରଚୌକ ପୂଜା ପ୍ରତିଷ୍ଠାନ ପ୍ଲାଟିନମ୍ ଜୁବିଲି ଏବଂ ସ୍ୱପ୍ନେଶ୍ୱର ବଜାର କୋରିଆଁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିଥିଲେ।



ବାଲ୍ୟ ବିବାହ ରୋକିବାକୁ ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି।

- ବାଲ୍ୟ ବିବାହକୁ ନା, ବିଦ୍ୟାଳୟକୁ ହଁ

# ଶପଥ ନେଲେ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୨୩।୧୦**

ଢେଙ୍କାନାଳ ଜିଲା ପ୍ରଶାସନ, ଆକ୍ସନ ଏଡ୍ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଗୋବିନ୍ଦପୁରସ୍ଥିତ କାମାକ୍ଷା ପ୍ରସାଦ ହାଇସ୍କୁଲରେ 'ବାଲ୍ୟ ବିବାହକୁ ନା ଏବଂ ବିଦ୍ୟାଳୟକୁ ହଁ' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

ଏହି ଅବସରରେ ଶିକ୍ଷାର ଆବଶ୍ୟକତା, ବାଲ୍ୟ ବିବାହ ପରବର୍ତ୍ତୀ ସମୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବାଲ୍ୟବିବାହ ନ କରିବା, ଏହାକୁ ସମର୍ଥନ ନ ଦେବା ଏବଂ ଆଖପାଖ ଅଞ୍ଚଳରେ ଏପରି ବେନିୟମ କାର୍ଯ୍ୟ ହେଉଥିଲେ ସ୍ୱର ଉଠାଇବା ନେଇ ପିଲାମାନେ ଶପଥ ନେଇଥିଲେ। ଏହାପରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ବିଇଓ ନିତ୍ୟାନନ୍ଦ ବାରିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ପ୍ରଧାନ ଶିକ୍ଷକ ଅକ୍ଷୟ ପତି, ମଣ୍ଡଳ ପରିଦର୍ଶିକା ନିବେଦିତା ତ୍ରିପାଠୀ, ଚାଇଲ୍ଡ ଲାଇନ ସଦସ୍ୟ ସନନ୍ଦ କୁମାର ବେହେରା, ଆକ୍ସନଏଡ୍‌ର ଜିଲା ସଂଯୋଜିକା ଅଙ୍ଗୁର ମିଶ୍ରଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସିନର୍ଜିରେ ଆଡ୍‌ଭାନ୍ସ ୱେଲ୍‌ଡିଂ କ୍ଲବ

**ଢେଙ୍କାନାଳ ଅଫିସ, ୨୩।୧୦**

ଢେଙ୍କାନାଳ ସିନର୍ଜି ବୈଷୟିକ ମହାବିଦ୍ୟାଳୟରେ ବୁଧବାର ଆଡ୍‌ଭାନ୍ସ ୱେଲ୍‌ଡିଂ କ୍ଲବ୍ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଇତିଶ୍ରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଏହାଦ୍ୱାରା ବିଭାଗୀୟ ଛାତ୍ରୀଛାତ୍ରମାନେ ୱେଲ୍‌ଡିଂର ଅତ୍ୟାଧୁନିକ ଜ୍ଞାନ କୌଶଳ ବିଷୟରେ ଜାଣିପାରିବେ। ସମ୍ମାନିତ ଅତିଥି ଭାବେ ଚେନ୍ନାଇର ଇଞ୍ଜିନିୟର ଶ୍ରବଣ ପେନୁମାଡ଼ି, ଯାନ୍ତ୍ରିକ ବିଭାଗ ଅଧ୍ୟକ୍ଷ ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ରହି ଉନ୍ନତ ପ୍ରଯୁକ୍ତିବିଦ୍ୟା ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବିଭାଗୀୟ ଛାତ୍ରୀଛାତ୍ରମାନେ।

ଏବଂ ଏହାର ପ୍ରୟୋଗ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କ୍ଲବର ସଭାପତି ମାନସ ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ଓଝାଙ୍କ ସମେତ ଅନ୍ୟ ୧୪ ଜଣ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଢେଙ୍କାନାଳ ଅଫିସ, ୨୩।୧୦**

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୩ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦିନବେଳା ତାଳଚେରରୁ କଟକ ଦେଇ ଭୁବନେଶ୍ୱର କିମ୍ବା ପୁରୀ ଯାଏ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ, ତପୋବନସ୍ଥିତ ମହିମାଧର୍ମ ପୀଠର ଉନ୍ନତୀକରଣ ଏବଂ ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ବିଜେସ୍ଥଳୀକୁ ରୋପ୍‌ୱେ ବ୍ୟବସ୍ଥା କରିବାକୁ ଏଥିରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ଉପସଭାପତି ପଙ୍କଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି

**ଢେଙ୍କାନାଳ ଅଫିସ, ୨୩।୧୦**

ଢେଙ୍କାନାଳ କନ୍ଦପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଜର୍ଜ ସରକାରୀ ଉପ୍ରା ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିତର୍କ, ପ୍ରବନ୍ଧ, ସୃଜନଶୀଳ ଲିଖନ, କୁଇଜ୍, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ହସ୍ତାକ୍ଷର ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ଶ୍ରେଷ୍ଠ ପ୍ରତିଯୋଗୀ ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। କନ୍ଦପଡ଼ା ସ୍କୁଲରେ ରଞ୍ଜା କ୍ଲଷ୍ଟର ସିଆର୍‌ସିସି ପ୍ରମୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟିତ୍ରୀ କିରଣ ତ୍ରିପାଠୀ, ଶିକ୍ଷକ ନିରାକାର ବେହେରା, ବିଷ୍ଣୁ କୁମାର ମଲ୍ଲିକ, କୁମୁଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଜର୍ଜ ସରକାରୀ ଉପ୍ରା ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଲାଇନ୍ କ୍ଲଷ୍ଟର ସିଆରସିସି ସୁବାସିନୀ ମିଶ୍ର, ବିଇଓ ନିତ୍ୟାନନ୍ଦ ବାରିକ, ଏବିଇଓ ମଧୁସୂଦନ ଷେଣ୍ଡ, ଭଗବାନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୋଲାପମଣି ସାହୁ, ଚନ୍ଦ୍ରମଣି ମହାନ୍ତି, ସୁଲୋଚନା ପାଣି, କିରଣବାଳା ମିଶ୍ର ବିଚାରକ ରହିଥିଲେ।

- ଶିଳ୍ପ ସମୃଦ୍ଧି ସମ୍ପର୍କିତ କର୍ମଶାଳା

# ସଫଳତାରେ ଆତ୍ମଶକ୍ତିର ଗୁରୁତ୍ୱ ବେଶି




କର୍ମଶାଳାରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୩।୧୦**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ବୈଷୟିକ ବିଭାଗର ଶିଳ୍ପ ସମୃଦ୍ଧି ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବୈଷୟିକ ବିଭାଗ ସଂଯୋଜକ ପ୍ରଫେସର ଡ. ଏ.କେ. ଖିଲାର, ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଦ୍ୟୁମ୍ନ କୁମାର ଦାଶ ଯୋଗଦେଇ କହିଲେ, ଦେଶର ସମୃଦ୍ଧିରେ ଯୁବ ଉଦ୍ୟୋଗୀ ଓ ଉଦ୍ୟୋକ୍ତାଙ୍କ ଅବଦାନ ଅତୁଳନୀୟ। ଏ କ୍ଷେତ୍ରରେ ସଫଳତା ପାଇବାକୁ ହେଲେ ଶିକ୍ଷା ସହ ଆତ୍ମଶକ୍ତିର ଗୁରୁତ୍ୱ ବେଶି ବୋଲି ଉଭୟେ ମତ ରଖିଥିଲେ।

ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ଉମାକାନ୍ତ ରାଜ, ମ୍ୟାନେଜର ବି.କେ. ଦେହୁରୀ, ଖଦୀ ବୋର୍ଡ ପରିଚାଳକ ସୁରେଶ ଚନ୍ଦ୍ର ଦାଶ, ଶିଳ୍ପ ପରିଚାଳକ ପ୍ରେମଚାନ୍ଦ ମିଶ୍ର, ଅନୁପମା ଦେହୁରୀ ପ୍ରମୁଖ ଉଦ୍ୟୋଗ ବିକାଶ ନେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ପ୍ରଧାପିକା ମାନସୀ ରଥ, ଅଧ୍ୟାପକ ସୁଶାନ୍ତ ପାଳ, ସନ୍ତୋଷ ନନ୍ଦ, ମୃତ୍ୟୁଞ୍ଜୟ ପଣ୍ଡା, ଅଧ୍ୟାପିକା ଏଲିସା ମହାପାତ୍ର, ଗାୟତ୍ରୀ ମିଶ୍ର, ନିତ୍ୟସୁନ୍ଦର ସିଅ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ କୋଟି ଟପିଲା ବ୍ୟବସାୟ

**ଢେଙ୍କାନାଳ ଅଫିସ, ୨୩।୧୦**

ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ସ୍ଥାନୀୟ ମହିଷାପାଟ ପଡ଼ିଆରେ ପ୍ରଥମ ଥର ଲାଗି ଆୟୋଜିତ ହେଉଥିବା ସରସମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମେଳାରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି, ଯାହା ଏକ ନୂଆ ରେକର୍ଡ।

ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଓରମାସ ଓ ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ କହିଲେ, କେନ୍ଦ୍ର ସରକାରଙ୍କ ଅନୁମତିକ୍ରମେ କେବଳ ଭୁବନେଶ୍ୱରରେ ଏହି ମେଳା ଅନୁଷ୍ଠିତ ହେଉଥିଲା। ଚଳିତବର୍ଷ ୨ଟି ମେଳା ଲାଗି ଅନୁମତି ମିଳିଥିଲା। ସେଥିରୁ ଗୋଟିଏ ଢେଙ୍କାନାଳରେ କରାଯିବାକୁ ସ୍ଥିର କରାଯାଇଥିଲା। ଭୁବନେଶ୍ୱରଠାରୁ ଏଠାରେ ଅଧିକ ଷ୍ଟଲ ପଡ଼ିଥିଲା। ଜିଲା ପ୍ରଶାସନର ସହାୟତାରେ ଏହା ସଫଳତାର ଆୟୋଜନ ହୋଇପାରିଛି। ସମାରୋହରେ ଅଧ୍ୟକ୍ଷତା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ମିଳିଥିବା ସୁଯୋଗର ସଦୁପଯୋଗ କରାଯାଇଛି। ସରସମେଳା ରେକର୍ଡ ସୃଷ୍ଟି କରିଛି। ବିଭିନ୍ନ ସ୍ଥାନରୁ ଆସିଥିବା କାରିଗରମାନଙ୍କ ସହ ଭାବର ଆଦାନପ୍ରଦାନ ହୋଇଛି। ଏହା ଭବିଷ୍ୟତରେ ଜିଲାର ଶିଳ୍ପୀଙ୍କୁ ପ୍ରେରଣା ଯୋଗାଇବ। ପିଡି ଡିଆର୍‌ଡିଏ ନ ରେ । ଉ ମ ବେ ହେ ର । ସ୍ୱ । ଗ ତ ଭାଷଣରେ କହିଲେ, ଚଳିତ ବର୍ଷ ଓଡ଼ିଶା ସମେତ ୧୭ ରାଜ୍ୟ ଏଥିରେ ଭାଗ ନେଇଥିଲେ। ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।



**ସରସମେଳା ଉଦ୍‌ଯାପିତ**

ମେଳାରେ ବିଭିନ୍ନ ଯୋଜନାର ସଚେତନତା ସୃଷ୍ଟି କରିଥିବା ଜିଲା ଆଞ୍ଚଳିକ ପରିବହନ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, କୃଷି, ଉଦ୍ୟାନ କୃଷି, ଜଳଛାୟା ବିଭାଗ ସମ୍ବର୍ଦ୍ଧିତ ହୋଇଥିଲେ। ସ୍ୱଚ୍ଛତା ଲାଗି ଢେଙ୍କାନାଳ ପୌରସଂସ୍ଥା, ଗ୍ରାମୀଣ ଆବାସ ଯୋଜନାର କାର୍ଯ୍ୟକାରିତା ଲାଗି ଏପିଡି ସରିତା ଷଡଙ୍ଗୀ, ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ ସଂଯୋଜିକା ମଧୁସ୍ମିତା ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସର୍ବାଧିକ ବ୍ୟବସାୟ (୩ଲକ୍ଷ ୪୨ହଜାର ୭୦୦ଟଙ୍କା) କରିଥିବା ସୋନପୁର ଜିଲାର ଜୟ ହନୁମାନ ପ୍ରଡକ୍ଟ ଗ୍ରୁପ, ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆସାମର ତାରୋଲି ଜୀବିକା ସ୍ୱୟଂ ସହାୟକ ଗୋଷ୍ଠୀ, ଶ୍ରେଷ୍ଠ ସାଜସଜ୍ଜା ପାଇଁ ଢେଙ୍କାନାଳର ଆମ୍ରା, ଉନ୍ନତ ପ୍ରଦର୍ଶନ ପାଇଁ ମୟୂରଭଞ୍ଜ ସବାଇ ଫାର୍ମସ୍ ପ୍ରଡ୍ୟୁସର କମ୍ପାନୀ, ଶ୍ରେଷ୍ଠ ବ୍ୟବସାୟୀ ଭାବେ ହିମାଚଳ ପ୍ରଦେଶର ମା' ତେଜେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ନିକିତା ପୁରସ୍କୃତ ହୋଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବର୍ଷାପାଗ ସତ୍ତ୍ୱେ ଅନ୍ତିମ ଦିବସରେ ମେଳାରେ ପ୍ରବଳ ଜନସମାଗମ ହୋଇଥିଲା।

## ଫଟୋରେ ଖବର




ଢେଙ୍କାନାଳ ମହିଷାପାଟ ପଡ଼ିଆରେ ସରସମେଳା ଉଦ୍‌ଯାପନୀ ସମାରୋହରେ ମୟୂରଭଞ୍ଜର କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ଛଉନୃତ୍ୟ ।



ମିନାବଜାର ପୂଜା ପ୍ରତିଷ୍ଠାନର ଭସାଣି ଶୋଭାଯାତ୍ରାରେ ଯୋଗଦେବାକୁ ଆସିଥିବା ଶ୍ରୀକାକୁଲମ୍ ବ୍ୟାଣ୍ଡ ପାର୍ଟି।

## ସଂକ୍ଷେପରେ

### ଅପହୃତା ନାବାଳିକା ୫ଦିନ ପରେ ଉଦ୍ଧାର

**ରାଇରଙ୍ଗପୁର,୨୩।୧୦ (ଡି.ଏନ୍.ଏ.):** ରାଇରଙ୍ଗପୁର ଟାଉନଥାନା ଅଞ୍ଚଳରୁ ଗତ ୫ ଦିନ ତଳେ ଅପହୃତ ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହିତ ଅପହରଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତିରିଂ ଥାନା ଅନ୍ତର୍ଗତ ଚାଡିରୀ ଗ୍ରାମର ମୋରା ହାଁସଦା। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ତାଙ୍କ ମାମୁଁ ଘର ତିରିଂ ଥାନା ଅଞ୍ଚଳରେ ନାବାଳିକାଙ୍କୁ ରଖିଥିଲେ। ସେଠାରେ ସେ ନାବାଳିକାଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏଥିନେଇ ପୋଲିସ ଏକ ମାମଲା(ନଂ.୧୩୫/୧୯) ରୁଜୁ କରଛି। ରାଇରଙ୍ଗପୁର ମେଡିକାଲରେ ଉଭୟ ନାବଳିକା ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯାଇଛି।

### ଲୁଚି ପଳାଇଥିବା ୪ ଛାତ୍ରୀ ବିଦ୍ୟାଳୟକୁ ଫେରିଲେ

**ଖୁଣ୍ଟା,୨୩।୧୦(ଡି.ଏନ୍.ଏ.):** ଖୁଣ୍ଟା ବ୍ଲକ ଅଧୀନ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ୪ ଛାତ୍ରୀ ମଙ୍ଗଳବାର ଭୋର ସମୟରେ ବିଦ୍ୟାଳୟ ପାଚେରି ଡେଇଁ ଲୁଚି ପଳାଇଯାଇଥିଲେ। ବୁଧବାର ସେମାନଙ୍କୁ ଫେରାଇ ଅଣାଯାଇଛି। ଉକ୍ତ ବିଦ୍ୟାଳୟ ପରିସରରେ ଥିବା ଛାତ୍ରୀ ନିବାସରୁ ଏହି ଛାତ୍ରୀମାନେ ପଳାଇ ଯାଇଥିଲେ। ସକାଳ ଉପସ୍ଥାନ ନେବା ସମୟରେ ୱାର୍ଡେନ ଓ ଜଗୁଆଳି ଅଷ୍ଟମ ଶ୍ରେଣୀର ୩ ଜଣ ଓ ସପ୍ତମ ଶ୍ରେଣୀର ଜଣେ ଛାତ୍ରୀ ନ ଥିବା ଜାଣିବାକୁ ପାଇ ଖୋଜାଖୋଜି କରିଥିଲେ। ପରେ ସେମାନେ ପାଚେରି ଡେଇଁ ଚାଲି ଯାଇଥିବା ଜାଣିବାକୁ ପାଇଥିଲେ। ଏଥିନେଇ ବିଦ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଛାତ୍ରୀମାନଙ୍କ ଅଭିଭାବକଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ଛାତ୍ରୀମାନେ ନିଜ ନିଜ ଘରେ ପହଞ୍ଚି ଥିବା ଅଭିଭାବକମାନେ କହିଥିଲେ। ବୁଧବାର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ୟ କର୍ମଚାରୀମାନଙ୍କ ସହିତ ଛାତ୍ରୀମାନଙ୍କ ଘରେ ପହଞ୍ଚିଥିଲେ। ଅଭିଭାବକମାନଙ୍କ ସହ ଛାତ୍ରୀମାନଙ୍କୁ ବୁଝାସୁଝା କରି ବିଦ୍ୟାଳୟକୁ ଫେରାଇ ଆଣିଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ।

### ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

**ଯୋଡ଼ା, ୨୩।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରି ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ପୋଲିସର ସୂଚନାନୁଯାୟୀ ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କିତାବେଡା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଦେବାଶିଷ ମହାନ୍ତଙ୍କର ଏକ ବର୍ଷ ଧରି ପ୍ରେମ ସମ୍ପର୍କ ଥିଲା। ଦେବାଶିଷ ଯୁବତୀଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ । ପରିବାର ଲୋକେ ଏହା ଜାଣିବା ପରେ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୮୧/୨୦୧୯) ରୁଜୁ କରି ଏହାର ଅଧିକ ତଦନ୍ତ କରୁଛି ବୋଲି ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ କହିଛନ୍ତି।

# ପାଚେରି ପାଇଁ ପଥର ଲାଞ୍ଚ

- ଜନଶୁଣାଣି ଶିବିରରେ ଅଭିଯୋଗ
- କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପଛଘୁଞ୍ଚା

**ପରଜଙ୍ଗ, ୨୩।୧୦(ଡି.ଏନ୍.ଏ.)**



ଫାଣ୍ଡି ଆଗରେ ପଡ଼ିଥିବା ପଥର।

ଢେଙ୍କାନାଳ ଜିଲା ସାଆନ୍ଦା ଦେଇ ପରଜଙ୍ଗକୁ ବିପୁଳ ପରିମାଣର ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଛି। ଏ ସମ୍ପର୍କରେ ସୂଚନା ଥିବା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି ଶିବିରରେ ଏ ନେଇ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଅଞ୍ଚଳର ବୁଦ୍ଧିଜୀବୀ। ଅନ୍ୟପଟେ ସାଆନ୍ଦା ଫାଣ୍ଡି ପାଚେରି ତିଆରି ଲାଗି ଲାଞ୍ଚ ଭାବେ ପଥର ନିଆଯାଉଥିବା ଆଲୋଚନା ହେଉଛି। ପୋଲିସ ନିର୍ଦ୍ଦେଶରେ ଟ୍ରିପ୍ ପିଛା ୨ରୁ ୩ ଖଣ୍ଡ ପଥର ପକାଯାଉଥିବା କେତେଜଣ ଦଲାଲ ନାମ ଗୋପନ ରଖି କହିଛନ୍ତି। ଏହା ପରେ ପୋଲିସ ସହ ପଥର ବ୍ୟବସାୟୀଙ୍କ ଅସାଧୁମେଣ୍ଟ ପଦାରେ ପଡ଼ିଛି। ଏ ଦିଗରେ ଉଚ୍ଚପଦସ୍ଥ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ପରଜଙ୍ଗ ବ୍ଲକ ଅଞ୍ଚଳରେ ମାଙ୍କଡ଼ାପଥରର ଖାସ୍ ଚାହିଦା ରହିଛି। ହେଲେ ଆବଶ୍ୟକ ପରିମାଣର ମିଳୁ ନ ଥିବାରୁ ଏହାକୁ ଜିଲାର ବିଭିନ୍ନ ସ୍ଥାନରୁ ଚୋରାରେ ଆଣୁଛନ୍ତି ଲାଭଖୋର ବ୍ୟବସାୟୀ। ସାଆନ୍ଦା ରାଜସ୍ୱ କାର୍ଯ୍ୟାଳୟ, ଫାଣ୍ଡି, ତହସିଲ କାର୍ଯ୍ୟାଳୟ, ଥାନା ରାସ୍ତା ଦେଇ ଟ୍ରକ୍, ଟ୍ରାକ୍ଟରରେ ପଥର ଚାଲାଣ କରାଯାଉଛି। ଏ ନେଇ କେତେଜଣ ଦଲାଲ ନାମ ଗୋପନ ରଖିବା ସର୍ତ୍ତରେ କୁହନ୍ତି, ଦିନରେ ଧରପଗଡ଼ ସମ୍ଭାବନା ଥିବାରୁ ଭୋର୍ ସମୟରେ ପଥର ଆଣିବାକୁ ପଡୁଛି। ଫାଣ୍ଡି ପୋଲିସର ନିର୍ଦ୍ଦେଶରେ ପାଚେରି ତିଆରି ଲାଗି ୨ରୁ୩ ଖଣ୍ଡ ପଥର ପକାଇବାକୁ ପଡୁଛି। ରାଜସ୍ୱ ବିଭାଗର କେତେଜଣ କର୍ମଚାରୀ ମଧ ମାସିକିଆ ଟଙ୍କା ନେଇ ଏଥିରେ ସହାୟତା କରୁଛନ୍ତି। ଅନ୍ୟ ବିକଳ୍ପ ନ ଥିବାରୁ ତୁମୁସିଂହା ଥାନା ଅଞ୍ଚଳ ଦେଇ ପଥର ଆଣୁଛୁ। ପଥର ଚାଲାଣକାରୀଙ୍କ ଏପରି ମନ୍ତବ୍ୟ ଏବେ ଉଭୟ ପୋଲିସ ଏବଂ ରାଜସ୍ୱ ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି।

ପଥର ଚାଲାଣ ପଛରେ ହେଉଥିବା ଅର୍ଥ କାରବାର ଅଭିଯୋଗକୁ ଆର୍‌ଆଇ ପ୍ରଦ୍ୟୁମ୍ନ ସେଠୀ ଖଣ୍ଡନ କରିଛନ୍ତି। ସେ ନିଜ ସ୍ୱଷ୍ଟୀକରଣରେ କହିଛନ୍ତି, ଭୋର୍ ସମୟରେ ପଥର ଚାଲାଣ କରାଯାଉଛି। ହାତଗଣତି କର୍ମଚାରୀ ଥିବାରୁ ଧରି ହେଉନାହିଁ। ଫାଣ୍ଡି ଅଧିକାରୀ ସୁରେଶ ମହାପାତ୍ର କୁହନ୍ତି, ଫାଣ୍ଡି ପାଚେରି ତିଆରି କରିବାକୁ ସେ ପଥର କିଣି ଆଣିଥିଲେ। ପଥର ଚାଲାଣ କରୁଥିବା କେତେକ ଟ୍ରକ୍ ପଥର ପକାଉଛନ୍ତି। ସେ ଗାଡ଼ି ଜବତ କରିପାରିବେ ନାହିଁ। ଯଦି ଧରିବେ ତହସିଲଦାର ଧରନ୍ତୁ ବୋଲି କହିଛନ୍ତି। ଫାଣ୍ଡି ଅଧିକାରୀଙ୍କ ଏପରି ମନ୍ତବ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

ରାଜ୍ୟ ସରକାର '୫-ଟି' ଉପରେ ଗୁରୁତ୍ୱ ଦେଉଥିବାବେଳେ ପରଜଙ୍ଗ ଅଞ୍ଚଳରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାମାଜିକ କର୍ମୀ ଦାବି କରିଛନ୍ତି।

# ମାଟି ପାଇଁ ଅମୃତ ଖତସାର



ଚାଷୀ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୩।୧୦**

ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଖତସାରର ଉପଯୁକ୍ତ ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ଛବୀନ୍ଦ୍ର ବେହେରା, ମହିଷାପାଟ ଆଞ୍ଚଳିକ ଗବେଷଣା କେନ୍ଦ୍ର ବୈଜ୍ଞାନିକ ଡ. ସୁନୀଲ ସାମଲ, ବିଷ୍ଣୁପ୍ରସାଦ କର, ମୃତ୍ତିକା ରସାୟନବିତ୍ ଭଗିନୀ ନିବେଦିତା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଜୈବିକ ଖତସାରର ଉପକାରିତା ଉପରେ ସଚେତନ କରାଇଥିଲେ। ମାଟି ପାଇଁ ଖତସାର ଅମୃତତୁଲ୍ୟ। ନିର୍ଦ୍ଧାରିତ ପରିମାଣରେ ଏହାକୁ ପ୍ରୟୋଗ କଲେ ଉତ୍ପାଦନ ସହ ଉତ୍ପାଦିତ ଫସଲରେ ଖାଦ୍ୟସାର ବଢ଼ିବ। ପ୍ରାଣୀ ସମ୍ପଦକୁ ଉପଯୋଗ କରି ଉନ୍ନତମାନର ଖତସାର ପ୍ରସ୍ତୁତ କରାଯାଇପାରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନୀ ସସ୍ମିତା ପାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ୨୦୦ ଚାଷୀ ଯୋଗଦେଇଥିଲେ।

**ବିଶ୍ୱବିଦ୍ୟାଳୟସ୍ତରୀୟ ମହିଳା ଖୋଖୋ**

# ଭୁବନ ନୂଆ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଭୁବନ ଦଳର ପ୍ରତିଯୋଗୀମାନେ।

**ଭୁବନ, ୨୩।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନସ୍ଥିତ ମହିଳା ଡିଗ୍ରୀ କଲେଜରେ ଚାଲିଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ଖୋଖୋ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ବାଙ୍କୀର ରାଣୀ ଶୁକଦେଇ କଲେଜକୁ ହରାଇ ଭୁବନ ଚାମ୍ପିୟନ ହୋଇଛି। ଲଗାତର ୩ ବର୍ଷ ଧରି ବାଙ୍କୀ ଟାଇଟଲ ହାସଲ କରି ଆସୁଥିବାବେଳେ ଚଳିତବର୍ଷ ଏହି ଧାରା ଭାଙ୍ଗିଛି। ୨ ରାଉଣ୍ଡ ବିଶିଷ୍ଟ ଏହି ମ୍ୟାଚ୍‌ର ପ୍ରଥମ ପର୍ଯ୍ୟାୟ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳ ୨-୨ ପଏଣ୍ଟ ହାସଲ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଲୟକୁ ଫେରିଥିଲା ଭୁବନ। ଫଳରେ ବାଙ୍କୀ ୫-୨ ପଏଣ୍ଟରେ ପରାସ୍ତ ହୋଇଥିଲା।

କଲେଜ ଅଧକ୍ଷ ଦିଲୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ତହସିଲଦାର ଶକ୍ତିକାନ୍ତ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶୃଙ୍ଖଳିତ ଜୀବନ ପାଇଁ କ୍ରୀଡ଼ା ନିତାନ୍ତ ଆବଶ୍ୟକ। ଏହା ଶକ୍ତି, ସାମର୍ଥ୍ୟ ଏବଂ ବୌଦ୍ଧିକ ଶକ୍ତିର ବିକାଶ କରାଇଥାଏ। ଏହି ଅବସରରେ ଉଭୟ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ ରାଉତରାୟ, କ୍ରୀଡ଼ା ଶିକ୍ଷକ ଗଦାଧର ସାହୁ, ବାସନ୍ତୀ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏନ୍‌ସିସି, ରେଡ୍‌କ୍ରସ୍, ରେଞ୍ଜରୋଭର ସ୍ୱେଚ୍ଛାସେବୀ, କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କ ସମେତଙ୍କ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରିଲା ଯୁବ ମହୋତ୍ସବ

**ଢେଙ୍କାନାଳ ଅଫିସ, ୨୩।୧୦**

ସ୍ଥାନୀୟ ମହିଷାପାଟ ମେଳା ପଡ଼ିଆରେ ଚାଲିଥିବା ୨୫ତମ ଜିଲାସ୍ତରୀୟ ଯୁବ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ପିଡି ଡିଆରଡିଏ ନରୋତ୍ତମ ବେହେରା ଯୋଗଦେଇଥିଲେ। ପ୍ରତିଭା ବିକାଶ ପାଇଁ ଶ୍ରେଷ୍ଠ ମଞ୍ଚ ହେଉଛି ଯୁବ ମହୋତ୍ସବ। ଏହା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକେ ଜାଣିବାର ସୁଯୋଗ ପାଉଛନ୍ତି। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ଆସିବେ। ଏହା ରାଜ୍ୟର ସାଂସ୍କୃତିକ ବିକାଶରେ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଲୋକନୃତ୍ୟ, ଲୋକସଙ୍ଗୀତ, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ତବଲା, ମୃଦଙ୍ଗ, ହାରମୋନିୟମ, ଓଡ଼ିଶୀ ନୃତ୍ୟ, ଗିଟାର ବାଦନ ଆଦି ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଚାରକ ଭାବେ ସରୋଜ କୁମାର ପଣ୍ଡା, ମୁକୁନ୍ଦ ପ୍ରସାଦ ଧଳ, ଲିନା ନନ୍ଦ ଓ ପଦ୍ମଚରଣ ଦେହୁରୀ ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସରକାରଙ୍କ ନିୟମାବଳୀ ଅନୁଯାୟୀ ଅତିଥିମାନେ ପୁରସ୍କୃତ କରିଥିଲେ। ଜାମିନୀ ରଞ୍ଜନ ଦାସ, ଜିଲା ଯୁବ ବାହିନୀ ସଂଯୋଜକ ପ୍ରକାଶ କୁମାର ପ୍ରଧାନ, ମଳୟ ରଞ୍ଜନ ତ୍ରିପାଠୀ, ଭରତ ଭୂଷଣ ସାହୁ, ସୁଶାନ୍ତ କୁମାର ପାଣି, ବ୍ଲକ କଳାକାର ସଂଘର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ**

# ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ




ବୈଠକରେ ପ୍ରଶାସନିକ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୨୩।୧୦**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।

ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଓସ୍‌ଡମାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ନିମାଇଁ ଚରଣ ଦାସ ଆଲୋଚନାରେ ଭାଗ ନେଇ କହିଲେ, ପ୍ରାକୃତିକ ବିପର୍ଯ୍ୟୟ ପରବର୍ତ୍ତୀ ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁର୍ଗତଙ୍କ ନିକଟରେ ସହାୟତା ପହଞ୍ଚାଇବା, କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା, ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବା, କ୍ଷୟକ୍ଷତି ଆକଳନ, ପୁନର୍ନିର୍ମାଣ ଓ ଥଇଥାନ ଆଦି କାର୍ଯ୍ୟ କରିବା ଚ୍ୟାଲେଞ୍ଜ ପାଲଟିଥାଏ। ଏଥି ପାଇଁ ପୂର୍ବରୁ ପ୍ରସ୍ତୁତି ଥିଲେ କ୍ଷୟକ୍ଷତିର ପରିମାଣକୁ ଅନେକମାତ୍ରାରେ ହ୍ରାସ କରାଯାଇପାରିବ।

ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ଉଚ୍ଚ ବିଦ୍ୟାଳୟସ୍ତରରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା, ମକ୍‌ଡ୍ରିଲ ଏବଂ ସାଧାରଣ ସଭା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ରେଡ୍‌କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩ ମଦ ବେପାରୀ ଗିରଫ

**ରାଇରଙ୍ଗପୁର,୨୩।୧୦ (ଡି.ଏନ୍.ଏ.)**

ରାଇରଙ୍ଗପୁର ଅବକାରୀ ଓ ବନ ବିଭାଗ ବୁଧବାର ମିଳିତ ଚଢାଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦୁମାଡିହି ଗ୍ରାମର କରୁଣାକର ପାତ୍ର, ବିଶୋଇ ଥାନା ଅନ୍ତର୍ଗତ କାଦପାଣି ଗ୍ରାମର ସୁନ୍ଦରୀ ପାତ୍ର ଓ ବଡ଼ନାଲୁଆ ଗ୍ରାମର ସୁକ୍ରମଣି ମୁର୍ମୁ। ଅବକାରୀ ସର୍କଲ ଇନ୍ସପେକ୍ଟର ସୁବଳ କୁମାର ମହାନ୍ତଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

**ଭୁବନ ପଞ୍ଚାୟତ ସମିତିର ୮ମ ବୈଠକ**

# ଗ୍ରାମାଞ୍ଚଳର ବିକାଶକୁ ଗୁରୁତ୍ୱ ଦିଅ: ମନ୍ତ୍ରୀ

**ଭୁବନ, ୨୩।୧୦(ଡି.ଏନ୍.ଏ.)**




ବୈଠକରେ ମନ୍ତ୍ରୀ, ଏମ୍‌ପିଙ୍କ ସମେତ ଅନ୍ୟମାନେ।

ଗ୍ରାମାଞ୍ଚଳର ବିକାଶରେ ଜିଲାର ସର୍ବାଙ୍ଗୀନ ଉନ୍ନତି ସମ୍ଭବ। ଏହି ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟ ସରକାର ଏବେ ଗ୍ରାମର କଲ୍ୟାଣମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି। ଆବାସ ଯୋଜନାର କାର୍ଯ୍ୟକାରିତା, ଗୃହନିର୍ମାଣ କାର୍ଯ୍ୟର ସଫଳ ରୂପାୟନ, ଯୋଗ୍ୟ ହିତାଧିକାରୀ ଚୟନ ଆଦି ବିଷୟଗୁଡ଼ିକ ଉପରେ ଫୋକସ୍ କରାଯାଉଛି। ଅନ୍ୟ ସରକାରୀ ଯୋଜନାର ଅଗ୍ରଗତି ଉପରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଲେ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଛନ୍ତି ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ଭୁବନ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ୮ମ ସମିତି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହି ବକ୍ତବ୍ୟ ରଖିଥିଲେ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଜନପ୍ରତିନିଧିଙ୍କୁ ଅଞ୍ଚଳର ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ହେବ। ପିଇଓମାନେ ବିକାଶ ରଥର ସାରଥି ହେଲେ ଅନେକ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ ବୋଲି ଏମ୍‌ପି ମତ ରଖିଥିଲେ। ଚଳିତବର୍ଷ ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ପରିମଳ ପାଇଁ ୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଅନୁଦାନ ଅର୍ଥକୁ ଠିକ୍ ଭାବେ ଖର୍ଚ୍ଚ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଡିଓ ଆଶୀର୍ବାଦ ପରିଡ଼ା, ଜିପିଇଓ ଲିଆଖତ୍ ଅଲ୍ଲୀ ଖାଁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ।

# ଗଞ୍ଜେଇ, ନକଲି ମଦ ଜବତ

**ବଡ଼ସାହି,୨୩।୧୦(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ଅବକାରୀ ଓ ବନବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବଡ଼ସାହି ଥାନା ଅଧୀନ ଉଠାଣୀନୂଆଗାଁ ଗ୍ରାମରୁ ବୁଧବାର ସକାଳେ ବିପୁଳ ପରିମାଣର ଗଞ୍ଜେଇ ଓ ନକଲି ମଦ ସମେତ ମଦତିଆରି ସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ ଜବତ ହୋଇଛି। ଉଠାଣୀନୂଆଗାଁ ଗ୍ରାମର ସୁନୀଲ ପୃଷ୍ଟି ଓ ତାଙ୍କ ସାନଭାଇ ସୁବାସ ଘରେ ନ ଥିବା ବେଳେ ଅବକାରୀ ବିଭାଗ ଭିତରକୁ ପଶି ଥିଲା। ସୁବାସଙ୍କ କୋଠରୀରୁ ବିପୁଳ ପରିମାଣର ନକଲି ବିଦେଶୀ ମଦ, ବିଭିନ୍ନ ବ୍ରାଣ୍ଡର ମଦବୋତଲ, ଠିପି, ଖୋଳ, ଲେବୁଲ, ସିଲ, ସ୍ପିରିଟ୍, ଥିନର ଓ ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ସେହିପରି ସୁନିଲଙ୍କ କୋଠରୀ ନିକଟ ପରିତ୍ୟକ୍ତ ସ୍ଥାନରୁ ୫କିଗ୍ରାରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଜବତ ହୋଇଥିବା ଅବକାରୀ ବିଭାଗ କହିଛି। ଜବତ ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି। ଅଭିଯୁକ୍ତ ୨ଭାଇ ଫେରାର ଥିବାରୁ କାହାରିକୁ ଗିରଫ କରାଯାଇନାହିଁ। ଏନେଇ ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଉଭୟଙ୍କ ନାମରେ ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି ।

**ନିମ୍ନମାନର ରାସ୍ତା କାମକୁ ବିରୋଧ**

# ଯନ୍ତ୍ରୀ ମାନିଲେ, ବନ୍ଦ ହେଲା କାମ

**କାମାକ୍ଷାନଗର, ୨୩।୧୦(ଡି.ଏନ୍.ଏ.)**



ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାରୁଆ (କା) ପଞ୍ଚାୟତ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଇଚ୍ଛାବତୀପୁର ଯାଏ ଚାଲିଥିବା ରାସ୍ତାକାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଏହାକୁ ନେଇ ପ୍ରତିବାଦର ସ୍ୱର ଉଠିବା ପରେ ବିଭାଗୀୟ ଯନ୍ତ୍ରୀ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅନୁଦାନରେ ମଙ୍ଗଳବାରଠାରୁ ଏହି ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ୨କିମି ବିଶିଷ୍ଟ ଉକ୍ତ ରାସ୍ତା ଲାଗି ବ୍ୟୟ ଅଟକଳ ରହିଛି ୧ କୋଟି ଟଙ୍କା। ପୁରୁଣା ବାଇସିଂହା ଗ୍ରାମ ନିକଟରେ କାମ ଚାଲିଥିବା ବେଳେ ଭାଗମାପ ଠିକ୍ ନ ଥିବା ନେଇ ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ମିକ୍ସର ମେଶିନରେ ଗୋଳାଯାଉଥିବା ବାଲି, ଗୋଡି ଓ ସିମେଣ୍ଟ ଭାଗମାପ ଠିକ ନ ଥିବା ସମ୍ପର୍କିତ ଭିଡିଓ ଉତ୍ତୋଳନ କରି ଦେଖାଇଥିଲେ। ଠିକାସଂସ୍ଥା ପକ୍ଷରୁ ୧୦୦ ମିଟର କାମ ହୋଇଥିଲା। ପ୍ରତିବାଦ ପରେ ଏହାକୁ ବନ୍ଦ ରଖାଯାଇଛି।

ଏ ନେଇ ଯନ୍ତ୍ରୀ କୁହନ୍ତି, ୪ ଇଞ୍ଚ କଂକ୍ରିଟ ରାସ୍ତା ପରିବର୍ତ୍ତେ ୬ ଇଞ୍ଚର ରାସ୍ତା କରିବାକୁ ଗ୍ରାମବାସୀ କହୁଛନ୍ତି। ମଙ୍ଗଳବାର କାମ ଆରମ୍ଭ ବେଳେ ସେ ଉପସ୍ଥିତ ଥିଲେ। ବୁଧବାର ପହଞ୍ଚିବା ବେଳକୁ ସାମାନ୍ୟ ବିଳମ୍ବ ହୋଇଥିଲା। ଏହି ସମୟରେ କାମ ଏପଟ ସେପଟ ହୋଇଥାଇପାରେ। ଲୋକଙ୍କ ବିରୋଧ ପରେ କାମ ବନ୍ଦ କରାଯାଇଛି। ଆଗକୁ ଯେପରି ନିୟମ ଅନୁଯାୟୀ କାମ ହେବ ସେଥିଲାଗି ଦୃଷ୍ଟି ଦେବାକୁ ଠିକା ସଂସ୍ଥାକୁ କୁହାଯାଇଛି।

ରାସ୍ତାକାମ୍ ଠିକ୍‌ଭାବେ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସମିତିସଭ୍ୟ ଦୀପକ ମାହୁନ୍ତ, ପ୍ରଦୀପ ବେହେରା, ହାଡ଼ିବନ୍ଧୁ ବେହେରା, କାହ୍ନୁଚରଣ ବେହେରା, ଆର୍ତ୍ତ ରାଉଳ, ନାରାୟଣ ରାଉଳ, ଚକ୍ରଧର ବେହେରା, କାଳୀଚରଣ ବେହେରା, ଚିରଞ୍ଜିବୀ ମଲ୍ଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଧରିତ୍ରୀ
DHARITRI
ଢେଙ୍କାନାଳ,ଗୁରୁବାର,୨୪ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### ଯବାନଙ୍କ ବିରୋଧରେ ପ୍ରତାରଣା ଅଭିଯୋଗ

ଅନୁଗୋଳ ଅଫିସ, ୨୩।୧୦- ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ)ର ଜଣେ ଯବାନ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣ କରିଥିବା ଜନୈକା ଯୁବତୀ ବୁଧବାର ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏପରି ଅଭିଯୋଗ ଥାନାକୁ ଆସିଥିବା ସ୍ୱୀକାର କରିବା ସହ ତଦନ୍ତ ଚାଲିଥିବା କହିଛି। ହେଲେ ଖବର ଲେଖାହେବା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି। ଜରପଡ଼ା ଅଞ୍ଚଳର ସମ୍ପୃକ୍ତା ଯୁବତୀ ଅଭିଯୋଗ କରିଛନ୍ତି ଯେ, ଉକ୍ତ ଯବାନଙ୍କ ଘର ବନ୍ତଲା ଅଞ୍ଚଳରେ। କିଛି ବର୍ଷ ହେବ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଯବାନ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ବିବାହ କରିବା କଥା କହିବା ପରେ ଯବାନ ଜଣକ ତାଙ୍କୁ ମାରଧର କରିଥିଲେ। ଏପରି କି କେବଳ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଏ ନେଇ ତାଙ୍କୁ ନ୍ୟାୟ ଦେବାକୁ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ପୋଖରୀରେ ବୁଡ଼ି ଜଣେ ମୃତ

ମାଧପୁର, ୨୩।୧୦- ଆଠମଲ୍ଲିକ ଥାନା କଣ୍ଢେଲା ପଞ୍ଚାୟତ ମଧପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମେଣ୍ଡୁଲି (୫୨) ବୁଧବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଅପରାହ୍ନ ପ୍ରାୟ ସାଢେ ୧ଟାରେ ସେ ଗାଧୋଇବା ପାଇଁ ଯାଇଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚିଥିଲେ ହେଁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### ମଦ ଜବତ, ୩ ଗିରଫ



ଅନୁଗୋଳ ଅଫିସ, ୨୩।୧୦- ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜରାସିଂହା ଅଞ୍ଚଳର ପ୍ରାଣବନ୍ଧୁ ସେଠୀ, ବେଣାଗାଡ଼ିଆ ଅଞ୍ଚଳର ଅକ୍ଷୟ ବେହେରା, ଭୋଗବେରେଣି ଅଞ୍ଚଳର ମନୋଜ ନାଏକଙ୍କଠାରୁ ୩୬ ଲିଟର ଦେଶୀ ମଦ ଜବତ ସହ ସେମାନଙ୍କୁ ଗିରଫ କରାଯାଇଥିବା ଅବକାରୀ ଏସ୍‌ପି ସୁରେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ପାର୍ବଣ ଚାଲିଥିବାରୁ ଗ୍ରାମାଞ୍ଚଳରେ ଚୋରା ଦେଶୀ ମଦ ବିକ୍ରି ନେଇ ବିଭାଗ ପକ୍ଷରୁ କୁମଣ୍ଡ, ଜରାସିଂହା, ବେଣାଗାଡ଼ିଆ, ଅନୁଗୋଳ ସହର ଓ ଭୋଗବେରେଣିରେ ଚଢ଼ାଉ କରାଯାଇଥିଲା।

## ଅନୁଗୋଳରେ ଧୁମ୍‌ଧାମରେ ହେଲା ଭସାଣି

# ଆତସବାଜିରେ ଆକାଶ ଆଲୋକିତ

**ଅନୁଗୋଳ ଅଫିସ, ୨୩।୧୦:** ଅନୁଗୋଳ ସହରରେ ଅନୁଷ୍ଠିତ ଲକ୍ଷ୍ମୀପୂଜା ମଙ୍ଗଳବାର ଶେଷ ହୋଇଥିବା ବେଳେ ବୁଧବାର ଭସାଣି ପର୍ବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ମେଲଣ ଉତ୍ସବକୁ ସେଣ୍ଟ୍ରାଲ ପୂଜା କମିଟି ସଦସ୍ୟ ଓ ଏସ୍‌ଡିପିଓ ଅଶ୍ୱିନୀ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଥାନା ଛକକୁ ବିଭିନ୍ନ ମଣ୍ଡପରୁ ମେଢ଼ ଶୋଭାଯାତ୍ରାରେ ଆସି ମେଲଣରେ ସାମିଲ ହୋଇଥିଲେ। ପରେ ଧୁମ୍‌ଧାମରେ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ନୃତ୍ୟଦଳ, ବ୍ରାସପାର୍ଟି ଶବ୍ଦରେ ସହର ଦୁଲୁକି ଉଠିଥିଲା। ସେହିପରି ହୁଲୁରିସିଂହା ଓ ବସ୍‌ଷ୍ଟାଣ୍ଡ ପୂଜା କମିଟି ମଧ୍ୟରେ ଆତସବାଜି ପ୍ରଦର୍ଶନ ବେଳେ ରଙ୍ଗବେରଙ୍ଗର ଆଲୋକରେ ଆକାଶ ଆଲୋକିତ ହୋଇଉଠିଥିଲା।

ଭସାଣି ପାଇଁ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଘଣ୍ଟ, ଘଣ୍ଟା ସାଙ୍ଗକୁ ପାରମ୍ପରିକ ବାଦ୍ୟ ଯନ୍ତ୍ର, ରାଜ୍ୟ ବାହାରୁ ଆସିଥିବା ବାଦ୍ୟ ସହ ବ୍ରାସ୍ ପାର୍ଟିର ତାଳେ ତାଳେ ସେମାନେ ନୃତ୍ୟ କରୁଥିବା ବେଳେ ବର୍ଷାକୁ ମଧ୍ୟ ଖାତିର କରି ନ ଥିଲେ। ଚଳିତବର୍ଷ ଏହି ଭସାଣି ଉତ୍ସବରେ ଆଦିବାସୀ ନୃତ୍ୟ ସାଙ୍ଗକୁ ବିଭିନ୍ନ ପାରମ୍ପରିକ ନୃତ୍ୟ ଓ ବାଦ୍ୟଯନ୍ତ୍ର ସାମିଲ ହୋଇଥିଲା। ଛତିଶଗଡ଼ରୁ ଆସିଥିବା ଧୁମାଲ ବାଜା ଲୋକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସେହିପରି ବ୍ରାସପାର୍ଟିର ଗୋଟିଏ ପରେ ଗୋଟିଏ ସୁପରହିଟ୍ ଗୀତ ସମସ୍ତଙ୍କୁ ମତୁଆଲା କରୁଥିଲା। ହଜାର ହଜାର ଲୋକ ମା'ଙ୍କ ଭସାଣି ଶୋଭାଯାତ୍ରା ଦେଖିବାକୁ ମଧ୍ୟାହ୍ନରୁ ଭିଡ଼ ଜମାଇଥିଲେ। ସକାଳ ବର୍ଷା ପରେ କିଛି ସମୟ ପାଇଁ ପାଗ ଶୁଖିଲା ରହିବାରୁ ଭିଡ଼ ବେଶ୍ ବଢ଼ିଯାଇଥିଲା। ତେବେ ସନ୍ଧ୍ୟାରେ ରାସ୍ତା ପାର୍ଶ୍ୱରେ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଶୋଭାଯାତ୍ରା ଉପଭୋଗ କରିବା ସହ ମା'ଙ୍କୁ ମେଲାଣି ଜଣାଇଥିଲେ। ପ୍ରଥମେ ହୁଲୁରୁସିଂହା ଲକ୍ଷ୍ମୀ ପୂଜା କମିଟି ମେଢ଼ ଥିବାବେଳେ ଦ୍ୱିତୀୟରେ ବସ୍‌ଷ୍ଟାଣ୍ଡ ଲକ୍ଷ୍ମୀ ପୂଜା କମିଟି, ତୃତୀୟରେ ଲକ୍ଷ୍ମୀ ବଜାର, ଆନନ୍ଦ ବଜାର, ବଜାର ଛକ, ଭଣ୍ଡୁବର, ନିୟୁ ଡେଲି ମାର୍କେଟ, କଲେଜ ଛକ, ପଞ୍ଚାୟତ ଇଣ୍ଡଷ୍ଟ୍ରିଜ ଛକ, କାଞ୍ଚନଟକିଜ ଛକ, ଆଶ୍ରମ ଛକ ମେଢ଼ ରହିଥିଲେ। ସବୁମେଢ଼ ମେଲଣ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଆତସବାଜି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସେହିପରି ଭସାଣିରେ ସାମିଲ ହୋଇ ନ ଥିବା ମେଢ଼ ଗୁଡ଼ିକ ଅଲଗା ରାସ୍ତାରେ ଶୋଭାଯାତ୍ରାରେ ଯାଇଥିଲେ।



ଭସାଣି ଶୋଭାଯାତ୍ରାରେ ହେମସୁରପଡା ମେଢ଼।



ବସ୍‌ଷ୍ଟାଣ୍ଡ ଲକ୍ଷ୍ମୀଙ୍କ ମେଢ଼।



ଭସାଣି ଶୋଭାଯାତ୍ରାରେ ହୁଲୁରିସଂହା ମେଢ଼।



କଳାକାରମାନେ ଶବର ନୃତ୍ୟ ପରିବେଷଣ କରୁଛନ୍ତି।



ବସ୍‌ଷ୍ଟାଣ୍ଡ ପୂଜା କମିଟି ଭସାଣିକୁ ଆସିଥିବା ଆଦିବାସୀ କଳାକାର।



ଭସାଣିରେ ଉତ୍ସାହିତ ହେମସୁରପଡା ପୂଜା କମିଟି ସଦସ୍ୟମାନେ।




ଏସ୍‌ଡିପିଓ ମେଲଣ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।



ଛତିଶଗଡରୁ ଆସିଥିବା ଧୁମାଲ ବାଜା।

## ଚୌରାଶୀ ଲକ୍ଷ୍ମୀପୂଜା ଭସାଣି



ମାଧପୁରରେ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ମାଧପୁର, ୨୩।୧୦:** ଆଠମଲ୍ଲିକ ଉପଖଣ୍ଡର ମାଧପୁରଠାରେ ଦଶ ଦିନ ଧରି ପୂଜା ପାଉଥିବା ମା' ମହାଲକ୍ଷ୍ମୀଙ୍କୁ ମଙ୍ଗଳବାର ଚୌରାଶି ଅଞ୍ଚଳବାସୀ ବିଦାୟ ଦେଇଛନ୍ତି। ଭସାଣି ଉତ୍ସବରେ ଆଖପାଖ ଅଞ୍ଚଳର ବହୁସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ପାରମ୍ପରିକ ଘଣ୍ଟ ବାଦ୍ୟ, ଢୋଲ ନିଶାନ ପରିବେଷଣ କରାଯାଇ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ମେଢ଼କୁ ସ୍ଥାନୀୟ ଜଳାଶୟରେ ବିସର୍ଜନ କରାଯାଇଥିଲା। କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଖତସାର ବ୍ୟବହାର ନେଇ ସଚେତନତା ଶିବିର

**ଅନୁଗୋଳ ଅଫିସ, ୨୩।୧୦**

କୃଷକମାନଙ୍କ ମଧ୍ୟରେ ଖତସାରର ଉପଯୁକ୍ତ ବ୍ୟବହାର ପାଇଁ ଦେଶବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲା କୃଷି ବିଭାଗର ମିଳିତ ସହାୟତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ସଚେତନତା ଶିବିର ଆୟୋଜନ ହୋଇଥିଲା। ଏଥିରେ ୨ ଶହ ଚାଷୀ ଓ ୧୦ ଜଣ ସାର ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ। ଜିଲାସ୍ତରୀୟ କୃଷି ସମ୍ବନ୍ଧୀୟ ବିଭାଗର ଅଧିକାରୀମାନେ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ବିଶେଷଜ୍ଞ ଓ କୃଷି ବିଜ୍ଞାନୀମାନଙ୍କ ଉଦ୍‌ବୋଧନ ପରେ ଚାଷୀମାନଙ୍କୁ ଖତସାରର ଉପଯୁକ୍ତ ବ୍ୟବହାର ପାଇଁ ନୂଆଦିଲ୍ଲୀରୁ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଯେଉଁଥିରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, କୃଷି ରାଜ୍ୟ ମନ୍ତ୍ରୀ ପି. ରୁପାଲା ଓ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମୁଖ୍ୟ ତ୍ରିଲୋଚନ ମହାପାତ୍ର ଚାଷୀମାନଙ୍କୁ ସମନ୍ୱିତ ଖାଦ୍ୟ ପରିଚାଳନାର ଉପଯୋଗିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିନିତା ଶତପଥୀ, ଜିଲା କୃଷି ଉପନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ରଙ୍କ ସହ କୃଷି ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମେଲାଣି ନେଲେ ଧନଦାତ୍ରୀ

**ପାଲଲହଡ଼ା, ୨୩।୧୦(ଡି.ଏନ.ଏ.)**

ପାଲଲହଡା ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ଗୁଡିକ ମା'ଙ୍କ ମେଢ଼କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଇ ଷ୍ଟାଡିୟମଠାରେ ଏକତ୍ରିତ କରାଇଥିଲେ। ପରେ କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ମେଲଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପଞ୍ଚାୟତିରାଜ ଏବଂ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଏମପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ, ରାଜ୍ୟ ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ମୀନକେତନ ଅମାନ୍ତ, ଜିଲାପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ଉପଜିଲାପାଳ ଅଜିତ କୁମାର ପ୍ରଧାନ, ସରପଞ୍ଚ ନିରୁପମା ବୋଷ, ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ, ଅନୁଗୋଳ ପିଡିଡିଆରଡିଏ ଅତୁଲ୍ୟ ଚମ୍ପତିରାୟ ଯୋଗଦେଇଥିଲେ। କମିଟି ସମ୍ପାଦକ ସୁଶୀଲ କୁମାର ସାମଲ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପାଲଲହଡା କେନ୍ଦ୍ରୀୟ ଗଜଲକ୍ଷ୍ମୀ କମିଟିର ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କେନ୍ଦ୍ରୀୟ କମିଟି ପକ୍ଷରୁ ମା'ଙ୍କର ଏକ ରୁପା ମୂର୍ତ୍ତି ଏବଂ ଆଜ୍ଞାଲଡ୍ଡୁ ନିଲାମ କରାଯାଇଥିଲା। ପାଲଲହଡାର ସନ୍ତୋଷ ପୃଷ୍ଟି ୪୧ ହଜାର ୫୦୦ ଟଙ୍କାରେ ମୂର୍ତ୍ତି ଏବଂ ବିଧାୟକଙ୍କ ଦ୍ୱାରା ଗଠିତ ମୁକେଶ ସେନା ୩୦ ହଜାର ଟଙ୍କାରେ ଆଜ୍ଞାଲଡ୍ଡୁ ନିଲାମ ନେଇଥିଲେ। ତେବେ ଲଡ୍ଡୁ ନିଲାମ ଅର୍ଥ ଉପଖଣ୍ଡ ପାଣ୍ଠିକୁ ପ୍ରଦାନ କରାଯାଇଥିବା ଜଣାପଡିଛି। ଶେଷରେ କମିଟିର ସଭାପତି ଲିଙ୍ଗରାଜ ଦାସ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଅଭୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ପରେ ଷ୍ଟାଡିୟମଠାରୁ ୯ଟି ଯାକ ମେଢ ୟୁକୋ ବ୍ୟାଙ୍କ ଛକ, ବସ୍‌ଷ୍ଟାଣ୍ଡ ଓ ପାଲଲହଡ଼ା ମୁଖ୍ୟ ବଜାର ଛକ ଦେଇ ନିଆଯାଇ ଜଳାଶୟରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୭ ଜଣ ଅଫିସର ନିୟୋଜିତ ହୋଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ପୂଜା କମିଟି ସହସଭାପତି ଦୋଳଗୋବିନ୍ଦ ସାହୁ, ବଙ୍ଗାଳି ବେହେରା, ସହସମ୍ପାଦକ ମିହିର କୁମାର ପାଲ, ବିଶ୍ୱଭୂଷଣ ନାଏକ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମାର ଗଡ଼ନାୟକ ପ୍ରମୁଖ ଭସାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





ପାଲଲହଡ଼ାରେ ମା'ଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# କୁଲାଡ଼ରେ ମା' ଲକ୍ଷ୍ମୀଙ୍କୁ ବିଦାୟ



ମା'ଙ୍କ ଆଜ୍ଞାଲଡ୍ଡୁ ନିଲାମ କରାଯାଉଛି।



ଭସାଣି ଶୋଭାଯାତ୍ରାରେ ମା'ଙ୍କୁ ନିଆଯାଉଛି।

**ବଅଁରପାଳ, ୨୩।୧୦(ଡି.ଏନ.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଚାଲିଥିବା ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ବୁଧବାର ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ସକାଳେ ସମସ୍ତ ମେଢ ନାଲ୍‌କୋ ମେନ୍ ଗେଟ୍ ଛକଠାରେ ଏକତ୍ରିତ ହୋଇ ସେଠାରୁ ପର୍ଯ୍ୟାୟ କ୍ରମେ ଶୋଭାଯାତ୍ରାରେ ବାହାରିଥିଲେ। କୁଲାଡ଼ ଛକ ସାହି, ବିଗ୍ ପଣ୍ଡ, ବ୍ରାହ୍ମଣୀ ଦେବୀ ସାହି, ଫ୍ରେଣ୍ଡସ କ୍ଲବ, ସାହାରା କ୍ଲବ, ପ୍ରିନ୍ସ କ୍ଲବ, ବଣିକ ସଂଘ, ବାବାସ କ୍ଲବ ଓ ଆଲୁମିନିୟମ ହାଇସ୍କୁଲ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଅବସରରେ ପାଇକଖେଳ, ଘଣ୍ଟ ବାଦ୍ୟ, ଲଉଡି ଖେଳ ସହ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ ହୋଇଥିଲା। ମେଢଗୁଡିକ କୁଲାଡ଼ ଗ୍ରାମ ପରିକ୍ରମା ପରେ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିଲା। ସେହିପରି ମଙ୍ଗଳବାର ସନ୍ଧ୍ୟାରେ ମା'ଙ୍କ ଆଜ୍ଞାଲଡ୍ଡୁ ନିଲାମ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀକାନ୍ତ ସିଂ ମୁଖ୍ୟଅତିଥି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୀନକେତନ ଅମାନ୍ତ, ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ନାଲ୍‌କୋ ଟ୍ରକ୍ ମାଲିକ ସଂଘ ସଭାପତି ରାଜୀବ ଜେନା, ସମ୍ପାଦକ ରଞ୍ଜିତ ସେଠ, ନାଲ୍‌କୋ ଇଡି ମନସା ପ୍ରସାଦ ମିଶ୍ର, ମହାପ୍ରବନ୍ଧକ ଏସ୍ ଏନ୍ ସାହୁ, ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର, ସରପଞ୍ଚ ଶେଷଦେବ ଦେହୁରୀ, ସମିତି ସଭ୍ୟ ସୁଶୀଲ ବିଶୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁଲାଡ଼ ଗ୍ରାମର ଜଗନ୍ନାଥ ସେଠ ୫୦ କେଜିର ଆଜ୍ଞାଲଡ୍ଡୁକୁ ୫୫ ହଜାର ୧୬୬ ଟଙ୍କାରେ ନିଲାମ ନେଇଥିଲେ। ଜିତେନ୍ଦ୍ର ଜେନା ସଭା ପରିଚାଳନା କରିଥିଲେ। ଭଲ ମେଢ଼ ପ୍ରଦର୍ଶନ ପାଇଁ ବାବାସ କ୍ଲବକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା।



କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଆୟୋଡିନ ଲୁଣ ବ୍ୟବହାର ଉପରେ ଗୁରୁତ୍ୱାରୋପ

**ଅନୁଗୋଳ ଅଫିସ, ୨୩।୧୦**



ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହ ଠାରେ ଆୟୋଡିନ ଅଭାବ ଜନିତ ଅସୁସ୍ଥତା ନିରାକରଣ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ମ୍ୟାଲେରିଆ ନିରାକରଣ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଯୋଗଦେଇ ଆୟୋଡିନ ଲୁଣ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଆୟୋଡିନ ଅଭାବଗ୍ରସ୍ତ ମା' ଠାରୁ ଜନ୍ମିତ ଅଧିକାଂଶ ଶିଶୁ ମସ୍ତିଷ୍କ ବିକୃତି ଓ କମ୍ ବୁଦ୍ଧିମାନ ହୋଇଥାନ୍ତି ବୋଲି ଡାକ୍ତର ପ୍ରଧାନ କହିଥିଲେ।

ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି କିଟ୍ ସାହାଯ୍ୟରେ ବ୍ୟବହାର ହେଉଥିବା ଲୁଣର ପରୀକ୍ଷା କରିବା ସହ ଆୟୋଡିନଯୁକ୍ତ ଲୁଣ ଖାଇବା ପାଇଁ ପ୍ରବର୍ତ୍ତାଇବାକୁ ଡାକ୍ତର ପ୍ରଧାନ ପରାମର୍ଶ ଦେଇଥିଲେ। ଏଡିଏମ୍ଓ (ଜନସ୍ୱାସ୍ଥ୍ୟ) ଡା. ରାକେଶ କୁମାର ସାହୁ ମା' ଓ ଗର୍ଭସ୍ଥ ଶିଶୁପାଇଁ ଆୟୋଡିନ୍ ଲୁଣର ଆବଶ୍ୟକତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଆୟୋଡିନ ଅଭାବରୁ ହେଉଥିବା ରୋଗ ସମ୍ପର୍କରେ ଗୃହ ପରିଦର୍ଶନ ସମୟରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ସଚେତନତା ସୃଷ୍ଟି କରିବା ଉପରେ ଡାକ୍ତର ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ସର୍ବଦା ଆୟୋଡ଼ିନ ଲୁଣକୁ ପ୍ଲାଷ୍ଟିକ, କାଚ, କାଠ ଓ ମାଟି ପାତ୍ରରେ ଘୋଡ଼ାଇ ରଖିବା ସହ ୬ ମାସରୁ ଅଧିକ ଦିନର ଲୁଣକୁ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେଇଥିଲେ। ଓଡ଼ିଶାରେ ୬୫ ପ୍ରତିଶତ ଲୋକ ଆୟୋଡିନ ଲୁଣ ଖାଉଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଗତ ବର୍ଷ ବିଶ୍ୱ ଆୟୋଡିନ୍ ଅଭାବ ଜନିତ ଅସୁସ୍ଥତା ନିରାକରଣ ଦିବସ ପାଳନ ବେଳେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ସହକାରୀ ଯନ୍ତ୍ରୀ ସୁନୀଲ କୁମାର ଦେହୁରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।






## ଅଶ୍ଳୀଳ ଭିଡିଓ ଭାଇରାଲ କରି ଯୁବକ ଗିରଫ

**ଯୋଡ଼ା, ୨୩।୧୦(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରି ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସର ସୂଚନାନୁଯାୟୀ ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କିତାବେଡା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଦେବାଶିଷ ମହାନ୍ତଙ୍କର ଏକ ବର୍ଷ ଧରି ପ୍ରେମ ସମ୍ପର୍କ ଥିଲା। ଦେବାଶିଷ ଯୁବତୀଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୮୧/୨୦୧୯) ରୁଜୁ କରି ଏହାର ଅଧିକ ତଦନ୍ତ କରୁଛି ବୋଲି ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ କହିଛନ୍ତି।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ